## ବାପାଙ୍କ ସାଇକେଲ



ଡ.ଚନ୍ଦ୍ରକଳା ନାୟକ



ଦୁଇବର୍ଷ ହେଲା ବାପା ଗଲେଣି
ସ୍ମୃତି ବୋଲି ଦୃଶ୍ୟମାନ
କେବଳ ଅଛି
ତାଙ୍କ ଅତି ନିଜର ସାଇକେଲଟା।
ଯତ୍ନର ସହ ପୋଛି ପାଛି ରଖୁଛି ତାକୁ ବାରଣ୍ଡାର
ଏକ ନିବୃତ୍ତ କୋଣରେ
ଆବଶ୍ୟକ ହୁଏନା କାହାର
କିନ୍ତୁ ମୋ ବାପା ଥାନ୍ତି ତାରି ଭିତରେ ।
ବାଙ୍ଗରା ମଣିଷ ଡେଙ୍ଗାସାଇକେଲ ଉପରେ
ବିଜେ ହେଲାପରେ
ସିଏ ଗଜ ବାପା ମୋ ଗଜପତି ।
ମଧ୍ୟବିତ୍ତ ପରିବାରର ଜଞ୍ଜାଳ
ସଂଧ୍ୟା ଆସିଲେ ସାରା ଦିନର
କଷ୍ଟକୁ ସାରି ଦିଅନ୍ତି
ତାରି ଦେହକୁ ନିରେଖି କି ଦେଖି ।
ମା' ଟା ମୋର ଲାଜକୂଳୀ ଲତା
ତା ପୁରୁଣା ହାରମୋନିୟମଟା
ତାର ଏକମାତ୍ର ସମ୍ପତ୍ତି ।
ତଥାପି ବାପାଙ୍କୁ ସେ କଣେଇ ଚାହେଁ
ତା ସହ ସାଇକେଲର
ଅଙ୍ଗ ପ୍ରତ୍ୟଙ୍ଗକୁ ।
ଗୁଣୁଗୁଣୁ ହୋଇ କହିଯାଏ କିଛି ବାପାଙ୍କୁ
ତ ଶୁଭେନା,ହେଲେ ପିଲାଙ୍କୁ ଅନାଇ
ବାହାନା ମାରେ ମା' ପ୍ରାୟ
ବରା, ହାଟର ବାରମାଜା, ଶୁଖୁଆ ଓ
ଇଲିସ ମାଛର ସମ୍ଭାର
ଯାବତୀୟ ଜିନିଷକୁ ସେ ବୁହେ
ଯୌବନରେ ଫ୍ରକ ପ୍ୟାଣ୍ଟ୍ ଠାରୁ ଅନ୍ତବସ୍ତ୍ର ପର୍ଯ୍ୟନ୍ତ ।
ମା' କୁ ବି ଭାରି ଆରାମ
ତଥାପି ବାପାଙ୍କ ଆଦର ପାଇଁ ସାଇକେଲଟି କାଳେ
ମୋ ମାଆର ସଉତୁଣି ପଣିଆକୁ ପଢେ ।
ବାପା ମୋର ଭାରି ସ୍ୱଭିମାନୀ
କଡା ମିଜାଜର ସ୍ୱଷ୍ଟବାଦୀ ପିଲାବେଳର
ସେ ଦୁଷ୍ଟାମୀ
ବାରମ୍ବାର ସାଇକେଲ ଶିଖିବାର ଚେଷ୍ଟା
ପଡି ଉଠି ଖଣ୍ଡିଆ ହେବାର
ବାପା କିନ୍ତୁ କ୍ରୋଧରେ ଲାଲ ପଡିଯାନ୍ତି ।
ଏ ସାଇକେଲଟା ତାଙ୍କ ଜୀବନ ଧନ ଓ
ବୋଧେ ମୋ ଠାରୁ ବି ଆପଣାର।
ସେ ତ ଦେଖୁଛି ବାପାଙ୍କର ଲୁହ, ଲହୁ
ଓ ଜୀବନ ଜୀବିକା ପାଇଁ ଜଙ୍ଗଲ ଚଢା
ଯେଜଙ୍କର ତାଳିପକା ଛତା
ଯେଜେମାଆର ଓଢଣା ତଳର ସଜଫୁଟା
ମୁରୁକି ହସା ଓ ସେ ବି ଦେଖୁଛି ମୋ ଚାକିରି
ଶାଶୂଘର ଯିବା ହୃଦୟଭରା ଦୃଶ୍ୟ ସବୁ
ତା ସହ ମୋ ବର ପିଲାକୁ ।
ମୋ ହରିଣଛୁଆ ଦିଟାକୁ ଦେଖି
ଏହା ଭିତରେ ସେ ପାଲଟି ଯାଇଛି ବଜ୍ର
ସମୟର ଗତିଚକ୍ରରେ ।
ପ୍ରତିଦିନ ପୋଛୁଥିବା ଦରସିଆଁ
କପଡାଟା ରହିଯାଇଛି ସେହି ସିଟ୍‌ତଳ ଗହ୍ୱରରେ ।
ଶ୍ମଶାନରେ ଜଳୁଥିବା ଯୁଇଠାରୁ
ବାରପତ୍ର ପୂରିବା ପର୍ଯ୍ୟନ୍ତ ।
ଏବେ ମୋ ବାପା ସିନା ନାହାନ୍ତି
ମନର ଶରଶଯ୍ୟାରେ ଶୋଇ
ତାଙ୍କ ଆଖ ଦୁଇଟି ଜୁଳୁ ଜୁଳୁ
ହୋଇ ଅନାଇଛି ମୋତେ ।
ଶୁଭ ମନାସି ଦେଇ
ଅଲୋଡା ହୋଇ ପଡିଥିବା
ପିଣ୍ଡାର ସେହି କୋଣରୁ
ସେ ନିରେଖି ଦେଖୁଛି
ସଂସାରର ପରପିଢି ମାନଙ୍କୁ ।

*ଅଧ୍ୟାପିକା, ମହାପୁରୁଷ ହାଡିଦାସ*
*ମହାବିଦ୍ୟାଳୟ, ଛତିଆ*
*ମୋ-୯୪୩୭୯୫୭୬୧୭*

## ଆମ ଗାଆଁ -୩



କୈଳାଶ ବେହେରା

ସବୁଠାରୁ ଭଲଲାଗେ ଆମ ଗାଆଁ
ରେଣୁରେ ରେଣୁରେ ତାର
ଲେଖା ମୋର ନାଆଁ ଅଦୃଶ୍ୟେ ହେଲେ ବି'
ଦୃଶ୍ୟ ହୁଏ ବାରବାର।
ଆମ ଗାଆଁ ଦିଶେ ପ୍ରଥମ ଫେରନ୍ତା
ଶାଶୂଘର ଝିଅ ପରି
ପାଦରେ ଅଳତା,ମଥାରେ ସିନ୍ଦୁର
ସତେ କି' ସରଗ ପରୀ।
ତା'ତୋଟାମାଳରୁ ଆମ୍ବ ପିଜୁଳି
ତୋଳିଛି ମୁଁ ଖରାବେଳେ
ତା' ବଣବୁଦାରୁ ଜାତି ଜାତି କୋଳି
ଖାଇଛି ସାଥିଙ୍କ ମେଳେ।
ନଦୀନାଳ ପାଣି ଗୋଳିଆ କରିଛି
ଖରାଦିନ ଛୁଟି ବେଳେ
ଗଁଆ ଦାଣ୍ଡେ ତାର ଉଡାଇଛି ଧୂଳି
ଗୋଧୂଳି ଆକାଶ ତଳେ।
ବରଓହଳରେ ଖେଳିଛି ମୁଁ ଦୋଳି
ନିଘଞ୍ଚ ଛାଇରେ ତାର
ଯେତେ ଥର ଗଣେ ଅସଫଳ ହୁଏ
ଆକାଶରେ ପକ୍ଷୀ ମାଳ।
ଛିଙ୍କଲଟି କେତେ ନାକରେ ପୁରାଇ
ଥଣ୍ଡା ଛଡାଇଛୁ ଛିଙ୍କି
ଛପିଛପି ଯାଇ ପଛରୁ ଧରିଛୁ
ପ୍ରଜାପତି ଆଉ କଙ୍କି।
ଅଲେଖ ବାବାଙ୍କ ଭଜନ ନବୁଝି
ଶୁଣଉ ପାଖରେ ବସି
ଚକୁଳିଆ ପଣ୍ଡା ଚଟାପଟ ଗୀତ
ମନକୁ କରାଏ ଖୁସି ।
ଆକାଶ ଦୀପରେ ଶୂନ୍ୟତା ମାପିଛୁ
ମିଞ୍ଜିମିଞ୍ଜି ଆଲୁଅରେ
କାର୍ତ୍ତିକ ପୂର୍ଣ୍ଣିମା ଡଙ୍ଗା ଭସାଇଛୁ
ଦୀପ ଜାଳି ନଦୀଧାରେ।
କେଉଁ ସାଙ୍ଗ ଯେବେ ମାମୁଁଘର ଯାଏ
ଆମ ମନଯାଏ ମରି
ଅନ୍ୟ ସାଙ୍ଗ ଯେତେ ଖେଳିଲେ ସାଥିରେ
ତାକୁ ହେଉଥାଉ ଝୁରି।
କବାଡି ଖେଳରେ ଯେବେ କିଏ ମରେ
ପୁଣି ଖେଳେ କା ପାଇଁ
ଭଲଲାଗେ ନାହିଁ କେ ସାଙ୍ଗ ବସିଲେ
ଏକା ମନମରା ହୋଇ।

*ବାଲକାଟୀ-ଖୋର୍ଦ୍ଧା*
*ମୋ- ୮୪୫୬୦୫୩୧୯୦*

## ବ୍ରହ୍ମାଣ୍ଡ ଠାକୁର



ଦୀପକ କୁମାର ନାଏକ

ବ୍ରହ୍ମାଣ୍ଡ ଠାକୁର ହେ ଜଗା କାଳିଆ
କାହିଁ ସହୁ ଅପମାନ
କରନ୍ତି ରୋଦନ ତୋର ଅପମାନ
ଦେଖି ସବୁ ଭକ୍ତଗଣ ।।
କଂସର ଦୌରାମ୍ୟ ଭଳି ଏ ମଣିଷ
କରୁଅଛି ଅତ୍ୟାଚାର
କେମିତି ସହୁଛୁ ସେହି ଅତ୍ୟାଚାର
ହେ ପ୍ରଭୁ ଜଗତେଶ୍ୱର ।।
ଆଉ କେତେଦିନ ସହିବୁ କାଳିଆ
ମଣିଷର ଅତ୍ୟାଚାର
ମଣିଷ ହୋଇ ମୁଁ ସହି ପାରୁନାହିଁ
ମଣିଷର ଅତ୍ୟାଚାର ।।
ତୋ ଧାମକୁ ନେଇ ଅହଙ୍କାରୀ ମାନେ
କହୁଛନ୍ତି କେତେ କଥା
ତୋ ନିଜକୁ ତୁହି ରକ୍ଷାକର ଜଗା
ଭାଙ୍ଗି ତୋର ନୀରବତା ।।
ପାପୀକୁ ସଂହାର କର ଜଗନ୍ନାଥ
ଭାଙ୍ଗି ତୁମ ନୀରବତା
ତୋ ନିଜକୁ ତୁହି ରକ୍ଷା ନ କରିଲେ
କିଏ କରିବ ତୋ ରକ୍ଷା
କିଏ କରିବ ତୋ' ରକ୍ଷା ।।

ହିନ୍ଦୋଳ, ଢେଙ୍କାନାଳ
*ମୋ-୮୬୩୭୨୬୧୮୨୮*

## ସାୟାହ୍ନର ଦହନ



ଡ.ସସ୍ମିତା ମିଶ୍ର

କେତେ ସ୍ୱପ୍ନ କେତେ ଯେ କଳ୍ପନା
କେତେ ଆଶା କେତେ ସମ୍ଭାବନା ,
ସରିସରି ଆସୁଅଛି ଦୀପରୁ ତଇଳ
ମାଟିରୁ ଆକାଶ ଖେଳେ ଲୋତକର ବନ୍ୟା।
ବୟସର ଅପରାହ୍ନେ ଆପେକ୍ଷିତ ମୁହୂର୍ତ୍ତ
ଅତାଳ ତାଳ ଜଳରେ ପାଉନାହିଁ କାତ ,
ବୁଢିଆଣୀ ଜାଲରେ ଛନ୍ଦା ଆୟୁଷ'ର କାଳ
ସାୟାହ୍ନବେଳାରେ ସାଉଁଟିଛି ବିଦାୟୀକାଲିର
ହଜିଲା ଅତୀତ।
ଅସ୍ତବ୍ୟସ୍ତ ଲାଗୁଛି ଜୀବନ
ଜୀବନର ଦର୍ଶନ'କୁ କରେ ବିଶ୍ଲେଷଣ,
ଏଠି କେହି ନୁହନ୍ତି କାହାର
କୁହୁଳି ହେଉଚି ଯାହା ଆତ୍ମା ଆଉ ପ୍ରାଣ।
ଦରଜା ବାହାରେ ଦେଖି ଭୟଙ୍କର ଚିତ୍ର
ବିନା ନିମନ୍ତ୍ରଣେ ଶୁଭେ ଶବ୍ଦାଘାତ,
ଠକ୍ ଠକ୍ କରେ କେଉଁ ଅଜଣା ଅତିଥି
ବିଶାଳ ଆକାଶେ ଝାପ୍ସା ଧୂମ୍ରମୟ
କଳାମେଘ ଆଛାଦିତ।
ଆପଣା ପଣରେ ସର୍ବସ୍ୱ ହରେଇ
ଶୂନ୍ୟ ଶୂନ୍ୟ ମହାଶୂନ୍ୟ
ବିକଳ ଲାଗୁଛି ଖାଲି ଚାହାଣୀର ଭାବ ଉଦାସୀନ,
ପବନ'ରୁ ପାଣି ସବୁକିଛି ସ୍ଥିର।
ଜୀବନ ମରଣ ଲଢେ ଭାଗ୍ୟ ଭଗବାନ
ଆସନ୍ତା କାଲିର ଚିନ୍ତା ଜାଳୁଛି ଦହନ,
ଅପ୍ରାପ୍ତି'ର ଅଙ୍ଗାର'ରେ ଜାଳୁଥିବା
ଅନୁଭବ ଆଣେ ଏ ଜୀବନ।

*ପ୍ରତିଷ୍ଠାତା /ସମ୍ପାଦିକା*
*ଧ୍ରୁବଜ୍ୟୋତି ଗବେଷଣା ପ୍ରତିଷ୍ଠାନ, ପୁରୀ*
*ମୋ- ୯୫୮୩୭୧୪୨୮୦*

## ପୂର୍ଣ୍ଣଛେଦ





ସୁନନ୍ଦା ମହାନ୍ତି

ପ୍ରତି ମୁହୂର୍ତ୍ତରେ କେତେ କେତେ ଘଟଣା ଘଟିଯାଉଥିବା ବେଳେ ଏହି ସବୁ ଘଟଣା ଭିତରୁ ଯୁଦ୍ଧ ଏକ ଛାତିଥରା ଘଟଣା ନିଶ୍ଚୟ। ଶତ୍ରୁ ପକ୍ଷ ଯେତେ ପରାକ୍ରମୀ ହେଉ କି ନହେଉ ନିଶ୍ଚୟ ଦୁଇ ଦେଶ ବା ଗୋଷ୍ଠୀ ଭିତରେ କ୍ଷତି ହୋଇଯିବ। ଭାଙ୍ଗିଯିବ ମନୋବଳ, ଧୈର୍ଯ୍ୟ ଓ ଅନେକ କିଛି,ଠିକ୍ ରୁଦ୍ର ଭଳି। ସେଦିନ ବାପାଙ୍କ ଅବସର କାଳୀନ ଦିନ ଥିଲା ତ ପରିବାର ବର୍ଗ ଘର ସଜେଇ, କେକ୍ କିଣି ବାପାଙ୍କୁ ସରପ୍ରାଇଜ ଗିଫ୍ଟ ଦେବାକୁ ଅପେକ୍ଷା କରି ରହିଥାଆନ୍ତି। ସବୁତ ବାପାଙ୍କ ଯୋଗୁଁ। ଏ ଘର, ଗାଡି, ତିନି ଭାଇ ଭଉଣୀଙ୍କୁ ଯୋଗ୍ୟ କରିବା ସହ ଦୁଇ ଭଉଣୀଙ୍କୁ ଭଲ ଘର ଓ ବର ଦେଖି ବାହା ଦେବା ଇତ୍ୟାଦି ସବୁ ବପାଙ୍କ ପାଇଁ। ଆଜି ଅବସର ନେଇ ଶେଷ ଚାକିରି ସ୍ଥାନ ପୁରୀରୁ ଗାଁକୁ ଫେରୁଛନ୍ତି ବାପା। ବାକି ଜୀବନ ତାଙ୍କୁ ଆନନ୍ଦ ଟିକେ ଦେବାକୁ ଏ ସମସ୍ତ ଆୟୋଜନ ରୁଦ୍ରର। ମାଆ ମଧ୍ୟ ଦୁଇଝିଅଙ୍କ ସହାୟତାରେ ଖୁବ ସଜେଇ ହୋଇଛନ୍ତି। ବାହାଘର ଦିନ ବାପା ଦେଇଥିବା ସରପ୍ରାଇଜ ଗିଫ୍ଟ ମୁଦିଟାକୁ ଜୋର୍‌କରି ପିନ୍ଧାଇ ଦେଇଛି ବଡ଼ଝିଅ ସ୍ନାତା ଆଉ ମିତା ପିନ୍ଧେଇଛି ନୂଆ ଚୁଡ଼ି, ବନାରସୀ ପାଟ ଶାଢ଼ୀ, ପୁଣି ଜୁଡ଼ାରେ ରଜନୀଗନ୍ଧାର ମାଳ ଆଉ ପାଦରେ ଅଳତା ଧାର। ବାପାଙ୍କ ଗାଡି ଲାଗିଲା, ଦଉଡିଗଲେ ପିଲା ତିନିହେଁ ଝିଅ ସ୍ନାତା, ମିତା ଆଉ ରୁଦ୍ର। ହେଲେ ବାପା ଜଣେ ତରୁଣୀ ସହିତ ଓଲ୍‌ହେଇଲେ ଓ ଦୁହିଁଙ୍କ ବେକରେ ଫୁଲମାଳ ଥିଲା। ଲାଗୁଥିଲା ସଦ୍ୟ ବିବାହ କରି ଫେରିଛନ୍ତି ବାପା। ଘରେ ତୁମୁଳ କାଣ୍ଡ ଘଟିଗଲା। ସମସ୍ତଙ୍କ ଅନେକ ପ୍ରଶ୍ନର ଉତ୍ତରକୁ ଅଣହେଳା କରି ବାପା କେବଳ ମାଆ ସୁଭଦ୍ରାଙ୍କୁ ମିନତି କରୁଥିଲେ ଆରେ ତୁମେ ଅନ୍ତତଃ ମୋ କଥା ଟିକେ ବୁଝିବାକୁ ଚେଷ୍ଟା କର, ସବୁକଥା କହିବାର ସୁଯୋଗ ଦିଅ। କ'ଣ ଆଉ ବାକି ରହିଲା ଶୁଣିବାକୁ ମୋର କହି ମଥା କୋଡ଼ି କଚାଡି କାନ୍ଦୁଥିଲା ମାଆ। ଦୁଇ ଭଉଣୀ ରାତି ରାତି ଫେରିଯାଇଥିଲେ ସେମାନଙ୍କ ଶାଶୂ ଘରକୁ, ହେଲେ ରୁଦ୍ର କୁଆଡେ ଯିବ !ଏ ଭିତରେ ନୂଆ ମାଆକୁ ଘର ଦ୍ୱାର ସବୁ ବୁଲେଇ ଦେଖେଇ ସାରିଥିଲେ ବାପା ବିନୋଦ ତ ନୂଆ ମାଆ ସମସ୍ତଙ୍କ ପାଇଁ ରାନ୍ଧି ବଢ଼ାବଢ଼ି କରି ଆଣିଲା ବେଳେ ଝୁଣ୍ଟି ପଡ଼ିଥିଲେ ତ ତାଙ୍କୁ ଧରିନେଇ ବିନୋଦ କହୁଥିଲେ ଏ ଅବସ୍ଥାରେ ତୁମର ଏସବୁ କରିବା ଉଚିତ ନୁହେଁ ଆଦ୍ରା। ସୁଭଦ୍ରା କେତେବେଳୁ ନିଜ ସାଜସଜା ପୁର୍ଣ୍ଣ ବେଡ଼ରୁମରେ ଶୋଇ ସାରିଥିଲେ କାନ୍ଦି କାନ୍ଦି । ଆଉ ରୁଦ୍ର, ତା' ପାଇଁ ବଢ଼ା ହୋଇଥିବା ଥାଳିରେ ଲଣ୍ଡେ ଛେପ ପକାଇ ଥୁ କହି ଦୁଆର ଦେଇଥିଲା।ବଢ଼ା ଥାଳି ସବୁକୁ ଚାହିଁ ଆଦ୍ରା କାନ୍ଦୁଥିବା ବେଳେ ବିନୋଦ ତାକୁ କେକ କାଟି ଖୁଆଉଥିବାର ଦୃଶ୍ୟ ସାହି ପଡୋଶୀଙ୍କ ପାଇଁ ସରପ୍ରାଇଜ ଥିଲା। ଆଜିଠୁ ବିନୋଦବାବୁଙ୍କ ବେଡ଼ ରୁମ ଦାଣ୍ଡଘର ପାଖ ବୈଠକ ଘର ହୋଇଥିଲା ବେଳେ ବଡ଼ଝିଅ ସ୍ନାତା ରୁମରେ ଦେହ ଲୋଟାଇ କେତେ କଣ ଭାବି ଚାଲିଥିଲା ଆଦ୍ରା। ଲେଫ୍ଟନାଣ୍ଟ କର୍ଣ୍ଣେଲ ବିଶ୍ୱଙ୍କର ଏକମାତ୍ର ଏଇ ଅଲିଅଳି କନ୍ୟା ଶିକ୍ଷା ଦୀକ୍ଷା ପାଇ ମଧ୍ୟ ସଂଭ୍ରମ ଓ ସଂଯତ ଭୁଲି ଯାଇଥିଲା କି କ'ଣ ଆଦ୍ରା ବିନୋଦଙ୍କୁ ଅଙ୍କଲ ଡାକୁଥିଲା ସତ ହେଲେ ଜୀବନର ଅନେକ ଅକୁହା କଥାକୁ ବିନୋଦଙ୍କ ଆଗେ ଖୋଲିଦେଇଥିଲା ଆଦ୍ରା, କହିଥିଲା ସେ ତାପସକୁ ଭଲପାଏ, ଆଉ ପୁଣି କହିଥିଲା ସେ ତାପସ ପିଲାର ମାଆ ହେବାକୁ ଯାଉଛି। ବିସ୍ମୟାଭୂତ ବିନୋଦ କହିଥିଲେ ଏସବୁ କଥା ଡାଡି ଓ ମମିଙ୍କୁ କହିଦେ ମାଆ। ତାପସ ମତେ କଥା ଦେଇଛି ଅଙ୍କଲ ସେ ବର୍ଡରରୁ ଫେରିଲେ ସବୁକଥା ଡାଡି ମମିଙ୍କୁ ଜଣାଇ ଆମ ବାହାଘର କରେଇବ। ସେଦିନ ଗରମରେ ଶୋଇ ପାରୁନଥିଲେ ବିନୋଦ। ଆଉ ଦୁଇଦିନ ପରେ ତାଙ୍କର ଅବସର ଆସୁଛି। ସମୁଦ୍ରକୂଳେ ବୁଲି ଆସିବାକୁ ବାହାରି ଗଲା ବେଳେ ଆଦ୍ରା କଥା ହିଁ ଭାବୁଥିଲେ ବିନୋଦ। ନିଜ ପୁଅ ରୁଦ୍ର ପାଇଁ ବୋହୁ କରିନେବାକୁ ମନେ ମନେ ସ୍ଥିର କରିଥିବା ବିନୋଦ ସେଦିନ ଆଦ୍ରାର ସ୍ୱୀକାରୋକ୍ତିରେ ଯେତିକି ସ୍ତବ୍ଧ ହୋଇଥିଲେ ଆଜି ସମୁଦ୍ର ଲହଡିରେ ଭୁସକରି ପଡି ଭାସିଯାଉଥିବା ଝିଅଟାକୁ ତୋଳିଧରି ଉଠାଇ ମୁହଁ ଦେଖି ଚମକି ପଡ଼ିଥିଲେ ବିନୋଦ କାରଣ ସେ ଆଦ୍ରା ହିଁ ଥିଲା ଆଉ କହୁଥିଲା ଯୁଦ୍ଧରେ ତାପସ ପ୍ରାଣ ହରେଇଛନ୍ତି ଅଙ୍କଲ। ମୋର ଆଉ ବଞ୍ଚି ରହିବା ଅମୂଳକ। ଠାଏ କରି ଚାପୁଡ଼ା ବସେଇ କାନ୍ଧରେ ପକେଇ ଭଡାଘରକୁ ଫେରିବା ବେଳେ ଆହୁରି ଆଶ୍ଚର୍ଯ୍ୟରେ ଅପେକ୍ଷା କରିଥିଲା ବିନୋଦଙ୍କୁ। ଗର୍ଜି ଉଠିଥିଲେ କର୍ଣ୍ଣେଲ. କହିଥିଲେ ମୋର ପୁରୁଣା ବନ୍ଧୁ ହୋଇ ମୋର ସର୍ବନାଶ କରିବାକୁ ପାପବୋଧ ମନେ ହେଲା ନାହିଁ !ସମୁଦ୍ରରେ ଝାସ ଦେବାକୁ ଯିବା ପୂର୍ବରୁ ଚିଠିରେ ଆଦ୍ରା ସିନା ଲେଖିଦେଇଥିଲା ସେ ପାପ ଗର୍ଭବତୀ କିନ୍ତୁ ପାପ କି ପୁଣ୍ୟ କରିଥିବା ତାପସର ନାମ ଉଲ୍ଲେଖ୍ୟ କରିନଥିଲା ତ ଏପଟେ ମିଥ୍ୟାରୋପ ଓ ସେପଟେ ଗୋଟେ ନିଷ୍ପାପ କଳିକାର ଜୀବନ ରକ୍ଷା ଦୋଛକିରେ ବିନୋଦ କେବଳ କହିଥିଲେ ଆଦ୍ରା କେବଳ ମୋର ବାନ୍ଧବୀ। ସେହି ଦିନ ଜୀବନର ଅବସରର ଶେଷ ପୃଷ୍ଠା ପୂର୍ବରୁ ଏ ପୃଷ୍ଠାଟି ଯୋଡି କନିଷ୍ଠା ବାନ୍ଧବୀ ଆଦ୍ରା ସହିତ ସୈନିକ ତାପସର ସନ୍ତାନକୁ ଭୂମିଷ୍ଠ କରାଇବାକୁ ବିନୋଦ ଫୁଲମାଳ ପକେଇ ବିବାହ ନାମରେ ନେଇ ଆସିଥିବା ଆଦ୍ରାକୁ,ଘରେ ଏତେ ବିରୋଧର ଶିକାର ହେବ ଜାଣିନଥିଲେ। ରାତି ପାଇଲା ବେଳକୁ ଆଦ୍ରା କାନ୍ଦୁଥିଲା ଖୁବ। ଘରେ ପଡ଼ିଥିବା ସକାଳ ପେପରର ଫ୍ରଣ୍ଟ ପେଜ୍‌ରେ ତାପସର ଫଟୋ ଓ ଠିକଣା ଦେଖି ଆଦ୍ରାକୁ ବୁଝେଇ ବିନୋଦ ବାହାରି ଗଲେ ତାପସ ଘରକୁ କିନ୍ତୁ ତାଙ୍କ ଘର ପରିସ୍ଥିତି ଏପରି ଥିଲା ସେ କହିପାରିନଥିଲେ। ପିତା ମାତା ପୁତ୍ର ଶୋକରେ ବିଷ ପାନ କରି ସାରିଥିଲେ ତ ଭଗ୍ନ ମନ ନେଇ ଫେରିଲେ ବିନୋଦ ଆଉ ସବୁ ସତ କଥା କହୁ କହୁ ହାର୍ଟ ଆର୍ଟାକରେ ଆଖି ବୁଜିଲେ ସବୁଦିନ ପାଇଁ । ଏସବୁ କଥା ରୁଦ୍ରକୁ ଭୀଷଣ ଭାବେ ଦୁଃଖିତ କରିଥିଲା ତ ସେ ସବୁ ଭାବନାରୁ ବାହାରି ହସ୍ପିଟାଲ ଯାଇ ଆଦ୍ରା ଓ ଛୋଟ ପୁଅକୁ ଘରକୁ ଆଣି ଆସିବା ପରେ ମାଆଙ୍କୁ କହିଥିଲା ମତେ ସ୍ତ୍ରୀ ଓ ପୁଅ ମିଳିଯାଇଛି ମାଆ, ମୋ ବାପାଙ୍କୁ ଭୁଲ ବୁଝିଥିବାରୁ ମୋର ଏହା ପ୍ରାୟଶ୍ଚିତ ବୋଲି ଭାବିପାର । ମାଆ କିନ୍ତୁ ନାତିକୁ କୋଳକୁ ନେଇ କହିଥିଲେ ତାପସ ଓ ତୋ ବାପା ବଞ୍ଚିଛନ୍ତି ମୋ ନାତି ଭିତରେ। ରୁଦ୍ର ଓ ଆଦ୍ରା ସବୁ ଭାବନା ଛାଡି ଲାଗିପଡ଼ିଥିଲେ ବାପାଙ୍କ ଅବର୍ତ୍ତମାନ କାମରେ ଲୁହ ଲହୁ ଏକାକାର କରି। ଆଦ୍ରାର ପିତା କର୍ଣ୍ଣେଲ ସବୁ ବୁଝିବା ବେଳକୁ ବିନୋଦ ନଥିଲେ ସଂସାରରେ କିନ୍ତୁ ନାତି ଥିଲା କୋଳରେ।

*ସାକ୍ଷୀଗୋପାଳ*
*୯୦୪୦୯୭୭୩୨୭*